# I.C.D.S PROJECT OFFICE, BANARPAL

# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ,ବଅଁରପାଳ

Website: www.angul.nic.in||E-mail: cdpobanarpal03@gmail.com

**ବିଜ୍ଞାପନ ସଂଖ୍ୟା: ୧୦୧୨ /ତା : ୨୮.୦୭.୨୦୨୬**

ଏତଦ୍ୱାରା ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବଅଁରପାଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅନ୍ତର୍ଗତ ଗଡ଼ସନ୍ତ୍ରୀ ଗ୍ରାମ ପଞ୍ଚାୟତର ବଡ଼ଖଳି ଅଙ୍ଗନୱାଡି କେନ୍ଦ୍ରରେ ଖାଲି ପଡିଥିବା ଅଙ୍ଗନୱାଡି କର୍ମୀ ନିୟୋଜନ ନିମନ୍ତେ ସମ୍ପୃକ୍ତ କେନ୍ଦ୍ର ଅଞ୍ଚଳର ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ Online Portal ମାଧ୍ୟମ ରେ ଆବେଦନ ପତ୍ର ଆହ୍ୱାନ କରାଯାଉ ଅଛି । ଇଚ୍ଛୁକ ମହିଳା ପ୍ରାର୍ଥିନୀ ମାନେ ତା. ୩୦ .୦୭.୨୦୨୬ ରିଖ ଠାରୁ ତା ୧୩.୦୮.୨୦୨୬ ରିଖ ସୁଦ୍ଧା Online ମାଧ୍ୟମ ରେ ଆବେଦନ କରିପାରିବେ । ଇଚ୍ଛୁକ ମହିଳା ପ୍ରାର୍ଥିନୀ ମାନେ Website: http: //engagement –awc. Odisha. Gov. in ରେ ପଞ୍ଜୀକରଣ କରିବେ ଏବଂ ପାରା- "ଖ" ରେ ଲିଖିତ ସମସ୍ତ ପ୍ରମାଣ ପତ୍ର ସହିତ ନିଜର ଦସ୍ତଖତ upload କରି ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରିପାରିବେ। Online ବାହାରେ କୌଣସି କାଗଜାତ ଗ୍ରହଣ କରାଯିବ **ନାହିଁ** ।

ପ୍ରକାଶ ଥାଉକି ଏହି ବିଜ୍ଞାପନ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରିବ ।
ନିମ୍ନରେ ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ବିବରଣୀ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ଗ୍ରା.ପ ର ନାମ | ଅଙ୍ଗନୱାଡି କେନ୍ଦ୍ର ର ନାମ | ଅଙ୍ଗନୱାଡି କେନ୍ଦ୍ର କେଉଁ ଗ୍ରାମକୁ ନେଇ ଗଠିତ/ କେଉଁ ଗ୍ରାମ ବା ସାହି ରୁ ଦରଖାସ୍ତ ଗ୍ରହଣ କରାଯିବ | ପଦବୀ |
|---|---|---|---|---|
| ୦୧ | ଗଡ଼ସନ୍ତ୍ରୀ | ବଡ଼ଖଳି | **ବଡ଼ଖଳି** - ଘର ସର୍ଭେ ନ ୦୧ - ନିରୋଳା ଭୁକ୍ତା ଙ୍କ ଘର ଠାରୁ ଘର ସର୍ଭେ ନ ୯୬ - ଦେବରାଜ ବଳ ଙ୍କ ଘର ପର୍ଯ୍ୟନ୍ତ | ଅଙ୍ଗନୱାଡି କର୍ମୀ |
| | | | **ଗାଙ୍ଗୀଯୋଡି**– ଘର ସର୍ଭେ ନ ୯୭ - ଗଙ୍ଗାଧର ନାଥ ଙ୍କ ଘର ଠାରୁ ଘର ସର୍ଭେ ନ ୧୫୨ - ଇନ୍ଦ୍ରମଣି ଅମାନ୍ତ ଙ୍କ ଘର ପର୍ଯ୍ୟନ୍ତ | |
| | | | **ବାଉଁଶାଲିଆ ସାହି** – ଘର ସର୍ଭେ ନ ୧୫୩ - ନରେଶ ନରେଶ ନାଏକ ଙ୍କ ଘର ଠାରୁ ଘର ସର୍ଭେ ନ ୨୨୫ - କବି ଭୋଇଙ୍କ ଘର ପର୍ଯ୍ୟନ୍ତ | |

**(କ ) ଆବେଦନ ନିମନ୍ତେ ଯୋଗ୍ୟତା :-**

ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ ।

୧- ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨- ପ୍ରାର୍ଥିନୀ ଙ୍କ ବୟସ ତା ୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୩- ପ୍ରାର୍ଥିନୀ ଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ +୨ ପାସ ହୋଇଥିବା ଆବଶ୍ୟକ ।

୪- ଆଦିବାସୀ/ ହରିଜନ/ଅନାଥ/ବିଧବା/ ଆଇନଗତ ଭାବେ ଛାଡପତ୍ର ପାଇଥିବା ଓ ସ୍ୱାମୀ ପରିତ୍ୟକ୍ତା, ଭିନ୍ନକ୍ଷମ ଓ ଅସହାୟମହିଳା (ସଠିକ ପ୍ରମାଣ ପାତ୍ର ଥାଇ ) ଙ୍କୁ ଏହି ପଦବୀ ନିମନ୍ତେ ଅଗ୍ରାଧିକାର ଦିଆଯିବ ।

୫- କର୍ମୀ ଚୟନ ପାଇଁ ପ୍ରାର୍ଥିନୀଙ୍କର ଓଡ଼ିଆ ବିଷୟରେ ଜ୍ଞାନ ଥିବା ବାଧ୍ୟତାମୂଳକ ଅଟେ । ପ୍ରାର୍ଥିନୀ ଓଡିଆ ପଢିବା, ଲେଖିବା ଓ କହିବା ପାଇଁ ନିଶ୍ଚିତ ସକ୍ଷମ ଥିବେ । ପ୍ରାର୍ଥିନୀ ମାଧ୍ୟମିକ ସ୍କୁଲ ପରୀକ୍ଷାରେ ଓଡିଆ ଏକ ବିଷୟ ନେଇ ପାସ କରିଥିବେ, କିମ୍ବା ଉଚ୍ଚ ବିଦ୍ୟାଳୟ ( high School) ପରୀକ୍ଷା ଓଡିଆ ମାଧ୍ୟମରେ ପାସ କରିଥିବେ ।

୬- ପ୍ରାର୍ଥିନୀ କୌଣସି ନିର୍ବାଚିତ ଲୋକ ପ୍ରତିନିଧି ପଦବୀରେ ଅବସ୍ଥାପିତ ନଥିବେ ।

Scanned with OKEN Scanner

(ଖ) . **ଆବେଦନ ପାଇଁ ଆବଶ୍ୟକୀୟ ପ୍ରମାଣ ପତ୍ର ( ସମସ୍ତ ପ୍ରମାଣ ପତ୍ରର ଅବିକଳ ନକଲ ସଂଲଗ୍ନ କରିବେ) :-**

**୧ । ସମସ୍ତ** ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ର ଓ ମାର୍କସିଟ (ଆଗ ଓ ପଛ ) ର ଅବିକଳ ନକଲ ।

୨ । ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର (ଆବେଦନ ସମୟକୁ ମିଶାଇ ତହସିଲଦାର ଙ୍କ ଠାରୁ ୦୧ ବର୍ଷ ମଧ୍ୟରେ )

୩ । ଜାତିଗତ ପ୍ରମାଣ ପତ୍ର ( ତହସିଲଦାର ଙ୍କ ଠାରୁ)

୪ । ପ୍ରାର୍ଥିନୀ ନିଜ ଦସ୍ତଖତ, ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ବର୍ତ୍ତମାନର ପାସପୋର୍ଟ ଫୋଟଗ୍ରାଫ, ନିଜ ଗ୍ରାମର ଅଙ୍ଗନୱାଡି କର୍ମୀଙ୍କ ଠାରୁ ନିଜ ଗୃହ ର ସର୍ଭେ ନମ୍ବର ବୁଝିକୁ ବୁଝି Online ରେ upload କରିବେ ।

୫ । ବିଧବା, ସ୍ୱାମୀ ପରିତ୍ୟକ୍ତା, .ଅସହାୟମହିଳା, ଭିନ୍ନକ୍ଷମ ଉଚଶିକ୍ଷା ପ୍ରମାଣ ପତ୍ର ।

**ବି.ଦ୍ର.** ସମସ୍ତ ଆନୁଷଙ୍ଗିକ ପ୍ରମାଣପତ୍ର ର ନକଲ ( Self Attested Copy ) Online ଫର୍ମ ରେ Upload କରିବେ । କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ **ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।**

ଅସମ୍ପୂର୍ଣ ତଥା ଆବଶ୍ୟକ ପ୍ରମାଣ ପତ୍ର upload ହୋଇ ନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।

ପ୍ରାପ୍ତ ହୋଇଥିବା ସମସ୍ତ Online ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ । ଏଣୁ ନିଜ ର ମୂଳ ପ୍ରମାଣ ପତ୍ର ଗୁଡିକ ସହ ନିମ୍ନ ସ୍ୱାକ୍ଷରକାରିଣୀ ଙ୍କ କାର୍ଯ୍ୟାଳୟରେ ତା ୧୪.୦୮.୨୦୨୬ ସମୟ ପୂର୍ବାହ୍ନ ୧୧. ୦୦ ଘଟିକା ରୁ ଅପରାହ୍ନ ୦୨ ଘଟିକା ମଧ୍ୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଯାଞ୍ଚ କମିଟି ଦ୍ୱାରା ହେଉଥିବା ଯାଞ୍ଚ ପ୍ରକ୍ରିୟା ରେ ଭାଗ ନେବେ ନଚେତ ଦରଖାସ୍ତ ରଦ୍ଦ କରାଯିବ ଏବଂ ସେହି ପଦବୀ ପାଇଁ ପ୍ରାର୍ଥିନୀ ଯୋଗ୍ୟା ବିବେଚିତ ହେବେ ନାହିଁ ।

ଖାରଜ ହୋଇଥିବା କିମ୍ବା କାୟମ ହୋଇଥିବା ଆବେଦନକାରୀଙ୍କ ତାଲିକା ଅନଲାଇନ ୱେବସାଇଟ : http: //engagement –awc. Odisha. Gov. in ମାଧ୍ୟମ ରେ ପ୍ରକାଶ କରାଯିବ । ଯଦି କୌଣସି ଆବେଦନକାରୀଙ୍କ ଅଭିଯୋଗ ଥାଏ , ସେମାନେ public login ମାଧ୍ୟମ ରେ ଦାଖଲ କରି ପାରିବେ । ସମସ୍ତ ପ୍ରକ୍ରିୟା ଅନଲାଇନ ୱେବସାଇଟ : http: //engagement –awc. Odisha. Gov. in ମାଧ୍ୟମ ରେ ହେବ ।

ଅଙ୍ଗନୱାଡି କର୍ମୀ ସରକାରୀ ପଦବାଚ୍ୟ ନହୋଇ ଏକ ସ୍ୱେଛାସେବୀ ପଦବୀ ହୋଇଥିବାରୁ ଅବୈତନିକ ଏବଂ ସ୍ଥାନୀୟ ଲୋକସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ଉକ୍ତ ପଦ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ଦରମା ର ବ୍ୟବସ୍ଥା ନାହିଁ କିମ୍ବା ନିୟମିତ ସରକାରୀ ଚାକିରି ନୁହେଁ । ତେଣୁ ଓଡିଶା ସରକାର ଙ୍କ ଓ.ଆର. ଭି ନିୟମ ୧୮୭୫ କିମ୍ବା ସଂସ୍ଥାନ ନିଯୋଜନ ଆଇନ, ଏହି କ୍ଷେତ୍ର ରେ ଲାଗୁ ହେବ ନାହିଁ କିମ୍ବା ସରକାରୀ ପଦବାଚ୍ୟ ହେବ ବୋଲି ଦାବି କରି ପାରିବେ ନାହିଁ ।

ସରକାରଙ୍କ ନିୟମ ଅନୁଯାୟୀ ମାସିକ ହାରାରେ ପାରିଶ୍ରମିକ ଦିଅ ଯାଇ ଥାଏ, ଯାହାକି ବର୍ତ୍ତମାନ ସ୍ଥଳେ ମାସକୁ ୧୦,୦୦୦/-( ଦଶ ହଜାର) ଟଙ୍କା ଦିଅ। ଯାଉଅଛି । ଜଣେ ପ୍ରାର୍ଥିନୀ ଥରେ ମନୋନିତ ହୋଇ ଅଙ୍ଗନୱାଡି କର୍ମୀ ଭାବରେ କାର୍ଯ୍ୟ କରିବାକୁ ନିୟୋଜିତ ହେଲେ ସେ ସାଧାରଣତଃ ୬୦ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିପାରିବେ । କୌଣସି ସମୟରେ କୌଣସି କେନ୍ଦ୍ର ଯଦି ବିସ୍ଥାପିତ ହୁଏ ତେବେ କର୍ମୀଙ୍କ ପଦବୀ ରଦ୍ଦ କରାଯାଇପାରେ ।

ଲୋଚନ ଦାସ

**ଶିଶୁବିକାଶ ପ୍ରକଳ୍ପ ଅଧିକାରୀ**
**ବଅଁରପାଳ**

ପରିପତ୍ର ସଂଖ୍ୟା ୧୦୧୩ / ତା ୨୮.୦୭.୨୦୨୫

ଏହାର ଏକାକିତା ନକଲ ଉପ-ଜିଲ୍ଲାପାଳ,ଅନୁଗୋଳ-ତଥା-ଅଧକ୍ଷ-ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ବଅଁରପାଳ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଅନୁଗୋଳ ଙ୍କ ଅବଗତି ନିମତେ ପ୍ରେରଣ କରାଗଲା ।

ଲୋଚନ ଦାସ

**ଶିଶୁବିକାଶ ପ୍ରକଳ୍ପ ଅଧିକାରୀ**
**ବଅଁରପାଳ**

ପରିପତ୍ର ସଂଖ୍ୟା ୧୦୧୪ / ତା ୨୮.୦୭.୨୦୨୫

ଏହାର ଏକାକିତା ନକଲ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବଅଁରପାଳ ନୋଟିସ ବୋର୍ଡ /ଗୋଷ୍ଠୀ ଉନ୍ନୟନ ଅଧିକାରି, ବଅଁରପାଳ /ଗୋଷ୍ଠୀ ଶିକ୍ଷାଧିକାରୀ, ବଅଁରପାଳ / ସରପଞ୍ଚ, ଗଡ଼ସନ୍ତ୍ରୀ / ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକା ଙ୍କ ଅବଗତି ନିମତେ ପ୍ରେରଣ କରାଗଲା ।

ଲୋଚନ ଦାସ

**ଶିଶୁବିକାଶ ପ୍ରକଳ୍ପ ଅଧିକାରୀ**
**ବଅଁରପାଳ**

Scanned with OKEN Scanner